# Akashvani, Sambalpur

## SAMBALPURI NEWS MORNING BULLETIN

## 21 May 2026 - 6.47- 6.52 am.

---

କେବିନେଟ୍ ବୈଠକ୍        ଆଇ ଆଣ୍ଡ ପି.ଆର୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ରାଜ୍ୟ କେବିନେଟ୍‌ର ବୈଠକ୍ ହେଇଯାଇଛେ । ବୈଠକ୍‌ଥି ୭ ଟା ବିଭାଗ୍‌ର ୧୦ ଟା ପ୍ରସ୍ତାବ୍‌କେ ଅନୁମୋଦନ୍ ମିଲିଛେ । ଓଡ଼ିଶା ସାମୁଦ୍ରିକ ମତ୍ସ୍ୟଧରା ନିୟନ୍ତ୍ରଣ ଆଇନ୍-୧୯୮୨ କେ ଉଚ୍ଛେଦ୍ କରାଯାଇକରି ନୂତନ ଓଡ଼ିଶା ସାମୁଦ୍ରିକ ମତ୍ସ୍ୟଧରା ନିୟନ୍ତ୍ରଣ ଅଧିନିୟମ୍ ୨୦୨୬ ଲାଗୁ କର୍‌ବାର୍ ଲାଗି କେବିନେଟ୍‌ର ମଞ୍ଜୁରୀ ମିଲିଛେ । କେବିନେଟ୍ ବୈଠକ୍ ବାବ୍‌ଦେ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ ଗଣମାଧ୍ୟମ୍‌କେ କହିଛନ୍...

(ଭଏସ୍ ଓଭର୍- ଅନୁ ଗର୍ଗ)

ଇତାର୍‌ସହେତେ ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ବିଭାଗ୍, ଅନୁସୂଚିତ ଜନଜାତି ଆଉ ଜାତି ଉନ୍ନୟନ୍ ବିଭାଗ୍, ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ବିଭାଗ୍‌ର ଗୁଟେ ଲେଖା ପ୍ରସ୍ତାବ୍‌କେ ଅନୁମୋଦନ୍ ମିଲିଥିବାର୍ ବେଲେ ଆଇନ୍ ବିଭାଗ୍‌ର ୩ ଟା ଆଉ ଶକ୍ତି ବିଭାଗ୍‌ର ୨ ଟା ପ୍ରସ୍ତାବ୍‌କେ କେବିନେଟ୍ ବୈଠକଥି ଅନୁମୋଦନ୍ କରାଯାଇଛେ ।

ଅଟଲ ବସ୍‌ଷ୍ଟେଣ୍ଡ               ଆଇ ଆଣ୍ଡ୍ ପି.ଆର୍

ରାଜ୍ୟ ସର୍‌କାର୍ ସହରାଂଚଲ୍‌ର ସବୁ ବସ୍‌ଷ୍ଟାଣ୍ଡ୍ ମାନ୍‌କୁ ଅଟଲ ବସ୍‌ଷ୍ଟେଣ୍ଡ୍ ଯୋଜ୍‌ନାଥି ସାମିଲ୍ କର୍‌ବାର୍‌କେ ନିଷ୍ପତି ନେଇଛନ୍ । ଇଥିର୍‌ଲାଗି ଗୃହ ଆଉ ନଗର୍ ଉନ୍ନୟନ୍ ବିଭାଗ୍‌ଥି ଥିବାର ବସ୍‌ଷ୍ଟେଣ୍ଡ୍‌ମାନ୍‌କୁ ବାଣିଜ୍ୟ ଆଉ ପରିବହନ୍ ବିଭାଗ୍‌କେ ହସ୍ତାନ୍ତର୍ କରାଯାଇଛେ । ସବୁ ବସ୍‌ଷ୍ଟାଣ୍ଡ୍‌କେ ଆଧୁନିକ୍ ଢାଂଚାଥି ଗଢ଼୍‌ବାର୍ ଲାଗି ଇ ପଦକ୍ଷେପ୍ ନିଆଯାଇଛେ ।

ରତ୍ନଭଣ୍ଡାର ଗନ୍‌ତି          ପୁରୀ ସମ୍ବାଦଦାତା

ଶ୍ରୀକ୍ଷେତ୍ର ପୁରୀ ନ ଆଏଜ୍ ମାହାପୁରୁମାନ୍‌କର୍ ଭିତର ରତ୍ନଭଣ୍ଡାର ଗନ୍‌ତି କାମ୍ କରାଯିବା । ମଧ୍ୟାହ୍ନ ଧୂପ ନୀତି ସର୍‌ବାର୍ ଉତ୍‌ରୁ ଇ କାମ୍ ମୁଲ୍ ହେଇକରି ସନ୍ଧ୍ୟାଧୂପ ତକ୍ ଚାଲ୍‌ବା । ଇ ସମିଆଥି ମାହାପୁରୁ ମାନ୍‌କର୍ ଭିତର କାଠ ଦର୍ଶନ୍ ବନ୍ଦ୍ ରହେବା । ଭକ୍ତମାନେ ଖାଲି ବାହାର କାଠ ପାଶୁ ଦର୍ଶନ୍ କରିପାର୍‌ବେ ବଲି ସୂଚ୍‌ନା ମିଲିଛେ । ଇ ମାସ ୯ ଦିନ୍ ରତ୍ନଭଣ୍ଡାର୍ ଗନ୍‌ତି କାମ୍ କରାଯିବାର୍ ଲାଗି ଧାରିଜ୍ ହେଇଥିବାର୍ ବେଲେ ଗଲା ୧୧, ୧୨ ଆଉ ୧୯ ତାରିଖ୍ ୩ ଦିନ୍ ଗନ୍‌ତି କାମ୍ ଶେଷ୍ ହେଇସାରିଛେ ।

ବିଜ୍ଞାନ୍ କଂଗ୍ରେସ୍- ଅଧିବେଶନ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବନେଶ୍ୱର୍ ଓଡ଼ିଶା କୃଷି ଆଉ ବୈଷୟିକ୍ ବିଶ୍ୱବିଦ୍ୟାଲୟ-ଓୟୁଏଟି ଠାନେ ଇ ବଛର୍ ବିଜ୍ଞାନ୍ କଂଗ୍ରେସ୍‌ର ୨୭ ନମ୍ବର୍ ଅଧିବେଶନ୍ ହେବା । ଓଡ଼ିଶା ପରିବେଶ୍ ସମିତି ଆଉ ଓୟୁଏଟିର ମିଲିତ ସହଯୋଗ୍‌ଥି ଇ ସମ୍ମିଲନୀ ଆଏବା ନଭେମ୍ବର୍ ୧୩ ଆଉ ୧୪ ତାରିଖ୍ ଦିନ ହେବା । ନିରନ୍ତର୍ କୃଷି ଲାଗି ବିଜ୍ଞାନ୍ ଶୀର୍ଷକ୍

ବିଷୟବସ୍ତୁ ଉପ୍‌ରେ ଇ ସମ୍ମିଳନୀ କରାଯିବା । ସମ୍ମିଳନୀଥି ଜଲବାୟୁ ପରିବର୍ତନ୍ ସମିଆଥି ବିଜ୍ଞାନ୍ ଆଉ ପ୍ରଯୁକ୍ତିବିଦ୍ୟାର୍ ବେଭାର୍ ବାବ୍‌ଦେ ଆଲୋଚନା କରାଯିବା । ଇଥିର୍‌ଲାଗି ଓୟୁଏଟିର ନିର୍ଦ୍ଦେଶକ୍ ସୁଶାନ୍ତ କୁମାର୍ ସ୍ୱାଇଁଙ୍କର୍ ଅଧ୍ୟକ୍ଷତାଥି କୃଷି ମହାବିଦ୍ୟାଲୟ ନ ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ ।

ରେଢ଼ାଖୋଲ୍-କେନ୍ଦ୍ରୀୟ ବିଦ୍ୟାଲୟ ଆର୍‌ଏନ୍‌ୟୁ/ ସମ୍ବଲପୁର

ରେଢ଼ାଖୋଲ୍ ଠାନେ ଇ ବଛର୍ କେନ୍ଦ୍ରୀୟ ବିଦ୍ୟାଲୟ ଖୁଲ୍‌ବା । ସମ୍ବଲ୍‌ପୁର୍ ସାଂସଦ୍ ଆଉ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍‌ଙ୍କର୍ ନିର୍ଦ୍ଦେଶ୍‌ଥି ଗଲାକାଏଲ୍ ଗୁଟେ ଖାସ୍ ଦଲ୍ ରେଢ଼ାଖୋଲ୍ ଆସିକରି କ୍ଷେତ୍ର ପରିଦର୍ଶନ୍ କରିଛନ୍ । ଇ ବଛର୍ ନାଁଲେଖା ଲାଗି ଆଏବା ୨୫ ତାରିଖ୍‌ନୁ ଅଫ୍‌ଲାଇନ୍ ଜରିଏ ଫର୍ମ ମିଲ୍‌ବା । ୧ ନୁ ୫ ଶ୍ରେଣୀତକ୍ ଶହେ ୫୦ ଝନ୍ ଛାତ୍ରଛାତ୍ରୀଙ୍କର୍ ନାଁଲେଖାଯିବା ବଲି ଆସିଥିବା କେନ୍ଦ୍ରୀୟ ବିଦ୍ୟାଲୟର୍ ଦଲ୍ ଘୋଷ୍‌ନା କରିଛନ୍ । ଇ ବଛର୍ ଅସ୍ଥାୟୀ କୋଠା ଭୀମଭୋଇ ମହାବିଦ୍ୟାଲୟ ନ କେନ୍ଦ୍ରୀୟ ବିଦ୍ୟାଲୟର୍ ପାଠ୍‌ପଢ଼ା କାମ୍ ମୁଲ୍ ହେବା ବଲି ସୂଚ୍‌ନା ମିଲିଛେ ।

ଯୁକ୍ତ ଦୁଇ ବିଜ୍ଞାନ୍-କୁନ୍ତୀ ସାହୁ ଆର୍‌ଏନ୍‌ୟୁ/ ସମ୍ବଲପୁର

ସୁବର୍ଣ୍ଣପୁର୍ ଜିଲ୍ଲା ଭିତ୍‌ରିଆ ଇଲାକା ବୀର୍‌ମହାରାଜ୍‌ପୁର୍ ବ୍ଲକ୍ ଭାଲୁଡୁଙ୍ଗୁରି ଗାଁର୍ କୁନ୍ତୀ ସାହୁ ଯୁକ୍ତ ଦୁଇ ବିଜ୍ଞାନ୍ ପରୀକ୍ଷାଥି ୯୯ ଦଶ୍‌ମିକ୍ ୫ ପ୍ରତିଶତ୍ ନମ୍ବର୍ ରଖିକରି ସାରା ଓଡ଼ିଶା ନ ୨ ନମ୍ବର୍ ଠାନେ ରହିଛନ୍ । ଛାତ୍ରୀ ଝନ୍‌କ ୬ ଶହ ନୁ ମୋଟ୍ ୫ ଶହ ୯୭ ମାର୍କ ଆନିଛନ୍ । ତାଙ୍କର୍ ଇ ସଫଲତା ଲାଗି ପରିବାର୍‌ବର୍ଗ, ଶିକ୍ଷକ୍ ଶିକ୍ଷୟିତ୍ରୀମାନେ ଶୁଭେଛା ଜନେଇଛନ୍ ।

ଜନଜାତୀୟ ଉତ୍ସବ୍ ସୁବର୍ଣ୍ଣପୁର୍ ସମ୍ବାଦଦାତା

କେନ୍ଦ୍ର ସର୍‌କାର୍‌ଙ୍କର୍ ଜନଜାତି ବ୍ୟାପାର୍ ମନ୍ତ୍ରଣାଳୟ ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ଅନୁସୂଚିତ ଜାତି ଆଉ ଜନଜାତି ଉନ୍ନୟନ୍ ବିଭାଗ୍‌ର ମିଲିତ୍ ସହଯୋଗ୍‌ଥି 'ଜନଜାତୀୟ ଗରିମା ଉତ୍ସବ୍-୨୦୨୬ ଜନଭାଗିଦାରୀ - ସବୁନୁ ଦୂର୍ ପହେଲା ଅଭିଯାନ୍' ର ୨ ନମ୍ବର୍ ଦିନେ ଗଲାକାଏଲ୍ ସୁବର୍ଣ୍ଣପୁର୍ ଜିଲ୍ଲାର୍ ୩ ଟା ଅନୁସୂଚିତ ଜନଜାତି ଗାଁଥି ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ୍ ଆୟୋଜନ୍ କରାଯାଇଥିଲା ।

ଗାଁମାନ୍‌କର୍ ସର୍ବାଙ୍ଗୀନ୍ ଉନ୍ନତି ଲାଗି ଭିନ୍ ଭିନ୍ ବିଭାଗ୍‌ର ଅଧିକାରୀମାନେ ସମ୍ପୃକ୍ତ ବିଭାଗ୍‌ର ଜନକଲ୍ୟାଣ୍‌କାରୀ ଯୋଜ୍‌ନା ବାବ୍‌ଦେ ଲୋକ୍‌ମାନ୍‌କୁ ଜନେଇଥିଲେ ।

ଆଇ.ଇ.ସି. ଅଭିଯାନ ଦେବ୍‌ଗଡ୍ ସମ୍ବାଦଦାତା

ଦେବ୍‌ଗଡ୍ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଜନଭାଗିଦାରୀ - ସବୁଠୁ ଦୂର- ସବୁଠୁ ପ୍ରଥମେ- ଆଇ.ଇ.ସି. ଅଭିଯାନ୍ ଗଲାକାଏଲ୍‌ଠାନୁ ମୁଲ୍ ହେଇଛେ । ଜିଲ୍ଲାର୍ ବାର୍‌କୋଟ୍, ତିଲେଇବଣି ଆଉ ରିଆମାଲ୍ ବ୍ଲକ୍‌ର ଦୂର୍ଗମ ଆଉ ଆଦିବାସୀ ଅଧ୍ୟୁଷିତ ଗାଁମାନ୍‌କେ ସଚେତନତା କାର୍ଯ୍ୟକ୍ରମ୍‌ମାନ୍ ଚାଲିଛେ । ସର୍‌କାରୀ ଯୋଜ୍‌ନା, ସ୍ୱାସ୍ଥ୍ୟ, ପୋଷଣ୍, ଶିକ୍ଷା, ସାମାଜିକ୍ ସୁରକ୍ଷା ଆଉ ଜୀବିକା ବିକାଶ୍ ଜରିଏ ସଚେତନତା କରାଯାଉଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ବଡ଼ଭାଗୀ ଜାଗା ନ ଗରମ୍ ଆଉ ଗୁଲ୍‌ଗୁଲି ପାଗ୍ ଲାଗି ରହିଛେ । ପଶ୍ଚିମ ଓଡ଼ିଶାର୍ ବହୁତ୍‌ଟେ ଜାଗାର୍ ତାପମାତ୍ରା ୪୦ ଡିଗ୍ରୀ ଉପ୍‌ରେ ରହୁଥିବାର୍ ସୂଚ୍‌ନା ମିଲିଛେ । ଆଏବା ହପ୍ତେତକ୍ ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା ନ ତାପମାତ୍ରା ୨ ନୁ ୩ ଡିଗ୍ରୀତକ୍ ବଢ଼୍‌ବାର୍ ସମ୍ଭାବନା ଅଛେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ କୁହାଯାଇଛେ । ବଢ଼୍‌ତି ଖରାକେ ନଜର୍‌ଥି ରଖିକରି ଲୁକ୍‌କୁ ସର୍‌କାର୍‌ଙ୍କର୍ ତର୍‌ଫୁ ସଚେତନ୍ କରାଯାଇଛେ । ରାଜ୍ୟ ସ୍ୱତନ୍ତ୍ର ରିଲିଫ୍ କମିଶନର୍‌ଙ୍କର୍ କାର୍ଯ୍ୟାଳୟ ତର୍‌ଫୁ ସବୁ ଜିଲ୍ଲା ପ୍ରଶାସନ୍ ଆଉ ବିଭାଗ୍‌କେ ସତର୍କତାମୂଲକ୍ ପଦକ୍ଷେପ୍ ନେବାର୍‌କେ କୁହାଯାଇଛେ । ଗଲାକାଏଲ୍ ରାଜ୍ୟର୍ ୨୨ ଟା ଜାଗାର୍ ଦିନର୍ ତାପମାତ୍ରା ୪୦ ଡିଗ୍ରୀ ପାର୍ କରିଥିବାର୍ ବେଲେ ୮ ଟା ଜାଗା ନ ଦିନର୍ ସବୁନୁ ଜହ ତାପମାତ୍ରା ୪୩ ଡିଗ୍ରୀ ଉପ୍‌ରେ ରହିଥିଲା ।